بسم الله الرحمٰن الرحيم

**ଖୁତବା ଜୁମା ୨୪ ଜୁଲାଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଗତ ଖୁତ୍‌ବାରେ ମୁଁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କର ଚର୍ଚ୍ଚା କରୁଥିଲି । ହଜ଼ରତ୍ ସାଆଦ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସହିତ ବଦର୍ ଯୁଦ୍ଧ, ୱହୋଦ୍, ଖନ୍ଦକ୍ ଯୁଦ୍ଧ ଏବଂ ସୁଲାହ୍ ହୁଦୈବିୟା, ଖୈବର୍ ଯୁଦ୍ଧ ଏବଂ ମକ୍କା ବିଜୟ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ୍ ଥିଲେ । ସେ ଆଁହଜ଼ରତ୍ ସ.ଅଙ୍କର ସର୍ବଶ୍ରେଷ୍ଠ ଧନୁର୍ଧର ସାହାବାଙ୍କ ମଧ୍ୟରୁ ଜଣେ ଥିଲେ । ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ହେଉଛନ୍ତି ସେହି ପ୍ରଥମ ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ରକ୍ତ ଦେଇଥିଲେ ଏବଂ ଧନୁ ଚାଳନା କରିଥିଲେ ତଥା ସେହି ଅଭିଯାନମୂଳକ ଘଟଣା ହେଉଛି ହଜ଼ରତ୍ ଉବୈଦା ବିନ୍ ହାରିସ୍ ର.ଅଙ୍କର ।

ଜମାଦିଉଲ୍ ଉଲା ଦୁଇ ହିଜ୍‌ରୀରେ ଆଁହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ଆଠଜଣ ବିଶିଷ୍ଟ ପ୍ରାବାସକାରୀଙ୍କ ଏକ ସୈନ୍ୟ ଦଳର ଅମୀର ଭାବରେ ନିଯୁକ୍ତ କରି ଖବର ସରବରାହ କାର୍ଯ୍ୟରେ ଖିରା ନାମକ ସ୍ଥାନକୁ ପ୍ରେରଣ କରିଥିଲେ । ସେହିପରି ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ହଜ଼ରତ୍ ଅବ୍‌ଦୁଲ୍ଲାଃ ବିନ୍ ହଜସ୍ ର.ଅଙ୍କ ସହିତ ବିଶେଷ ଅଭିଯାନରେ ମଧ୍ୟ ସାମିଲ ହୋଇଥିଲେ ।

ହଜ଼ରତ୍ ସାଆଦ୍ ର.ଅଙ୍କ ସାହାସିକତା ଓ ବୀରତ୍ୱ ପ୍ରସଙ୍ଗରେ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ବଦର୍ ଯୁଦ୍ଧ ଅବସରରେ ହଜ଼ରତ୍ ସାଆଦ୍ ର.ଅ ପଦାତିକ ହେବା ସତ୍ତ୍ୱେ ଅଶ୍ୱାରୋହୀଙ୍କ ପରି ଅତ୍ୟନ୍ତ ସାହାସିକତାର ସହିତ ଲଢିଥିଲେ । ସେହି କାରଣରୁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ***ଫାରିସୁଲ୍ ଇସ୍‌ଲାମ୍‌ର*** ଆଖ୍ୟା ଦିଆଯାଇଥିଲା । ଅର୍ଥାତ୍ ଇସ୍‌ଲାମ୍‌ର ଅଶ୍ୱାରୋହୀ । ୱହୋଦ୍ ଯୁଦ୍ଧ ଅବସରରେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ସେହି କେତେଜଣ ଲୋକଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଅତ୍ୟନ୍ତ ଅସ୍ତ ବ୍ୟସ୍ତତା ଭଳି ପରିସ୍ଥିତି ସତ୍ତ୍ୱେ ମଧ୍ୟ ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷା ନିମନ୍ତେ ଜମି ରହିଥିଲେ। ୱହୋଦ୍ ଯୁଦ୍ଧ ଅବସରରେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ଭାଇ ଉତ୍‌ବା ବିନ୍ ଅବି ୱକ୍କାସ୍ ଯିଏ କି ଅବିଶ୍ୱାସକାରୀଙ୍କ ପଟରୁ ଯୁଦ୍ଧରେ ସାମିଲ୍ ହୋଇଥିଲା । ସେ ଆଁହଜ଼ରତ୍ ସ.ଅଙ୍କ ଉପରକୁ ଘନଘନ ଆକ୍ରମଣ କରି ଆଁହଜ଼ରତ୍ ସ.ଅଙ୍କ ନିମ୍ନଭାଗର ଦୁଇଟି ପବିତ୍ର ଦାନ୍ତକୁ ଶହୀଦ୍ କରି ଦେଇଥିଲା ଏବଂ ଆଁହଜ଼ରତ୍ ସ.ଅଙ୍କର ମାଢୀରେ ଗମ୍ଭୀର ରୂପେ ଆଘାତ ଲାଗିଥିଲା । ଉତ୍‌ବାର ଭାଇ

ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ମୁସଲମାନ ପକ୍ଷରୁ ଲଢୁଥିଲେ । ଯେତେବେଳେ ସେ ଉତ୍‌ବାର ହତଭାଗ୍ୟତା ଏବଂ ଦୁଃସାହସିକତା ସଂପର୍କରେ ଜାଣିବାକୁ ପାଇଲେ ସେତେବେଳେ ସେ ପ୍ରତିଶୋଧ ପରାୟଣ ହୋଇ ନିଜର ଛାତି ଖୋଲିବାକୁ ଲାଗିଲେ । ସେ କହନ୍ତି ଯେ, ମୁଁ ମୋ ଭାଇକୁ ବଧ କରିବା ପାଇଁ ଏତେ ବ୍ୟଗ୍ର ହେଉଥିଲି ଯେ, ବୋଧ ହୁଏ ମୁଁ ଏହା ପୂର୍ବରୁ କେବେହେଲେ କୌଣସି ବସ୍ତୁ ପାଇଁ ଏତେ ବ୍ୟଗ୍ରତା ପ୍ରକାଶ କରି ନଥିଲି । ମୁଁ ଦୁଇ ଦୁଇ ଥର ଶତ୍ରୁ ପକ୍ଷର ମଧ୍ୟବର୍ତ୍ତୀ ଦେଇ ଉକ୍ତ ଅତ୍ୟାଚାରୀର ସନ୍ଧାନରେ ବାହାରିଲି ଯେ, ତା'କୁ ଆଜି ଦୁଇ ଟୁକୁଡ଼ା କରିଦେବି ଏବଂ ନିଜର ବ୍ୟଗ୍ର ଓ ଅଶାନ୍ତ ମନକୁ ଶାନ୍ତ କରିବି । କିନ୍ତୁ ସେ ମୋତେ ଦେଖି ଏପରି ଲୁଚି ଖସି ଯାଉଥିଲା ଯେପରି କୋକିଶିଆଳି ଲୁଚି ଖସିଯିବାକୁ ଉଦ୍ୟମ କରିଥାଏ । ପରିଶେଷରେ ଯେତେବେଳେ ମୁଁ ତୃତୀୟ ଥର ପାଇଁ ଶତ୍ରୁଙ୍କ ମଝିରେ ଅନୁପ୍ରବେଶ କରିବା ପାଇଁ ଉଦ୍ୟମ କଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ସ୍ନେହ ସହକାରେ ମୋତେ କହିଲେ ଯେ, ହେ ପରମେଶ୍ୱରଙ୍କ ଭକ୍ତ ! ତୋର କ'ଣ ପ୍ରାଣର ଆହୂତି ଦେବାକୁ ଇଚ୍ଛା ହେଉଛି ? ସୁତରାଂ ହୁଜୁର୍ ସ.ଅଙ୍କ ଅଟକାଇବା ଯୋଗୁଁ ସେ ଉକ୍ତ ଇଚ୍ଛାରୁ ବିରତ ରହିଥିଲେ ।

ଆଁହଜ଼ରତ୍ ସ.ଅ ସ୍ୱୟଂ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ତୀର ଧରାଇ ଯାଉଥିଲେ ଏବଂ ହଜ଼ରତ୍ ସାଆଦ୍ ର.ଅ ସେହି ତୀରଗୁଡ଼ିକୁ ଶତ୍ରୁଙ୍କ ଉପରକୁ ଅତର୍କିତ ଭାବରେ ନିକ୍ଷେପ କରୁଥିଲେ । ଏକଦା ଆଁହଜ଼ରତ୍ ସ.ଅ ସାଆଦ୍ ର.ଅଙ୍କୁ କହିଲେ ତୁମ ଉପରେ ମୋର ପିତାମାତା ଉତ୍ସର୍ଗ ହୁଅନ୍ତୁ, ତୁମେ ଅହରହ ତୀର ନିକ୍ଷେପ କରିଚାଲ । ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ନିଜ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଁହଜ଼ରତ୍ ସ.ଅଙ୍କର ଉକ୍ତ ପଦକୁ ଅତ୍ୟନ୍ତ ଗର୍ବର ସହିତ ଲୋକଙ୍କ ଆଗରେ ବର୍ଣ୍ଣନା କରୁଥିଲେ ।

ୱହୋଦ୍ ଯୁଦ୍ଧ ଅବସରରେ ଏକ ଭୟାନକ ଶତ୍ରୁ ଯାହାର ନାମ ହବ୍‌ବାନ୍ ବୋଲି କୁହାଯାଉଥିଲା । ସେ ଏକ ତୀର ନିକ୍ଷେପ କଲା ଯାହାକି ହଜ଼ରତ୍ ଉମ୍ମେ ଐମନ୍‌ଙ୍କ ପଣତ କାନିରେ ଯାଇ ବାଜିଥିଲା । ସେ ସେତେବେଳେ ଆହତମାନଙ୍କୁ ଜଳପାନ କରାଇବା କାର୍ଯ୍ୟରେ ବ୍ୟସ୍ତ ଥିଲେ । ଏହା ଦେଖି ହବ୍‌ବାନ୍ ହସିବାକୁ ଲାଗିଲା । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ହବ୍‌ବାନ ଉପରକୁ ଏକ ତୀର ନିକ୍ଷେପ କରିବା ପାଇଁ ଇଙ୍ଗିତ କଲେ । ସୁତରାଂ ଯେତେବେଳେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଉକ୍ତ ତୀର ହବ୍‌ବାନ୍ ଉପରକୁ ନିକ୍ଷେପ କଲେ ସେତେବେଳେ ସେହି ତୀର ତା'ର ବେକରେ ଯାଇ ବାଜିଥିଲା ଏବଂ ସେ ପଛମୁହାଁ ହୋଇ ଭୂମି ଉପରେ ପଡ଼ିଗଲା । ଯଦ୍ୱାରା ସେ ନିର୍ବସ୍ତ୍ର ହୋଇଗଲା । ଏହା ଦେଖି ଆଁହଜ଼ରତ୍ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ । ଆଁହଜ଼ରତ୍ ସ.ଅଙ୍କର ଏହି ପ୍ରସନ୍ନତା ଅଲ୍ଲାଃତାଲାଙ୍କ ସେହି କୃତଜ୍ଞତା ଯୋଗୁଁ ଥିଲା ଯେ, ଅଲ୍ଲାଃତାଲା ଏକ ଭୟାନକ ଶତ୍ରୁକୁ ଏପରି ତୀର ଦ୍ୱାରା ରାସ୍ତାରୁ ହଟାଇଦେଲେ ଯେଉଁ ତୀରର ମୁନ ବା ଅଗ୍ରଭାଗ ନଥିଲା । ଅନ୍ୟଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ୱହୋଦ୍ ଯୁଦ୍ଧ ଦିନ ହଜ଼ରତ୍ ସାଆଦ୍ ର.ଅ ଶତ୍ରୁଙ୍କ ଉପରକୁ ୧୦୦୦ ତୀର ନିକ୍ଷେପ କରିଥିଲେ ।

ସୁଲାହ୍ ହୁଦୈବିୟା ଅବସରରେ ସନ୍ଧିପତ୍ରରେ ଯେଉଁ ସାହାବାଗଣ ସାକ୍ଷ୍ୟ ରୂପେ ସ୍ୱାକ୍ଷର କରିଥିଲେ ତନ୍ମଧ୍ୟରୁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ମଧ୍ୟ ସାମିଲ୍ ଥିଲେ । ମକ୍କା ବିଜୟ ଅବସରରେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ନିକଟରେ ପ୍ରବାସକାରୀଙ୍କ ତିନୋଟି ଧ୍ୱଜା ମଧ୍ୟରୁ ଗୋଟିଏ ଧ୍ୱଜା ରହିଥିଲା । ହଜ୍ଜତୁଲ୍ ୱିଦା ଅବସରରେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଅସୁସ୍ଥ ହୋଇଗଲେ । ଏହାର ଚର୍ଚ୍ଚା କରି ହଜ଼ରତ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ମକ୍କାରେ ଅସୁସ୍ଥ ହୋଇ ପଡ଼ିଥିଲି ଏବଂ ଜୀବନ ଓ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲି ଓ ମୃତ୍ୟୁର ଖୁବ୍ ନିକଟବର୍ତ୍ତୀ ହୋଇଥିଲି, ରସୁଲୁଲ୍ଲାଃ ସ.ଅ ମୋର ଦେଖାଶୁଣା କରିବା ପାଇଁ ଯେତେବେଳେ ମୋ ନିକଟକୁ ଆସିଲେ ସେତେବେଳେ ମୁଁ ତାଙ୍କୁ କହିଲି ଯେ, ହେ ଅଲ୍ଲାଃଙ୍କ ରସୁଲୁ ସ.ଅ ! ମୋ ନିକଟରେ ବହୁ ପରିମାଣର ଅର୍ଥ ରହିଛି ଏବଂ ମୋର ଉତ୍ତରାଧିକାରୀରେ କେବଳ ମୋର ଜଣେ ପୁତ୍ରୀ ରହିଛି । ତେବେ ମୁଁ ଦୁଇ ତୃତୀୟାଂଶ ଅର୍ଥ ସଦ୍‌କ୍ବା (ଦାନ) ଦେଇ ପାରିବି କି ? ଆଁହଜ଼ରତ୍ ସ.ଅ କହିଲେ ନା । ପୁନଶ୍ଚ ମୁଁ କହିଲି ହେ ରସୁଲୁଲ୍ଲାଃ ସ.ଅ ! ଅର୍ଦ୍ଧଭାଗ ସମ୍ପତ୍ତି ଦାନ କରିଦେବି କି ? ରସୁଲୁଲ୍ଲାଃ ସ.ଅ କହିଲେ ନା । ମୁଁ କହିଲି ତାହା ହେଲେ ଏକ ତୃତୀୟାଂଶ ସମ୍ପତ୍ତି ଦାନ କିରିଦେବି ? ଆଁହଜ଼ରତ୍ ସ.ଅ କହିଲେ ହଁ ତାହା ଠିକ୍ ଅଟେ । କିନ୍ତୁ ତାହା ମଧ୍ୟ ଅଧିକ ଜଣାପଡୁଛି ।

ହୁଜ଼ୁର୍ ଅନୱର୍ ଅ.ବ କହିଲେ ଉକ୍ତ ବର୍ଣ୍ଣନାରୁ ଇସ୍‌ଲାମୀୟ ଫିକାର ବିଦ୍ୱାନ୍‌ମାନେ ମଧ୍ୟ ଏହା ପ୍ରମାଣ କରନ୍ତି ଯେ, ଏକ ତୃତୀୟାଂଶ ସମ୍ପତ୍ତିରୁ ଅଧିକ ଦାନ ହୋଇପାରିବ ନାହିଁ । ଏ ସଂପର୍କରେ ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆହଦୀସ୍ ମଧ୍ୟ ଉକ୍ତ କଥାକୁ ସମର୍ଥନ ଜଣାଉଛି ଯେ, ନିଜର ବ୍ୟୟକୁ କାଢି ବାକି ସମସ୍ତ ସମ୍ପତ୍ତି ଦାନ କରିବା ଇସ୍‌ଲାମୀୟ ଆଇନ ନୁହେଁ । ସୁତରାଂ ରସୁଲ୍ କରୀମ୍ ସ.ଅ କହନ୍ତି ଯେ, ତୁମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ନିଜର ସମସ୍ତ ଧନସମ୍ପତ୍ତି ଦାନ କରିବାକୁ ନେଇ ଆସୁଛନ୍ତି ଏବଂ ପରେ ସେହିମାନଙ୍କ ସନ୍ତାନମାନେ ହିଁ ଲୋକଙ୍କ ଆଗରେ ହାତ ପାତୁଛନ୍ତି । ତେଣୁ ତୁମେମାନେ ମନେରଖ ! ଯେ, ଦାନ କେବଳ ଅଧିକ ଆୟ ଓ ସମ୍ପତ୍ତି ଉପରେ ହିଁ ଲାଗୁ ହୋଇଥାଏ । ସେହିପରି କହନ୍ତି ଯେ, ଯଦି ତୁମେ ନିଜର ଉତ୍ତରାଧିକାରୀଙ୍କୁ ଅଭାବ, ଅନଟନ ଓ ଦାରିଦ୍ର୍ୟ ଅବସ୍ଥାରେ ଛାଡ଼ି ଇହଧାମ ତ୍ୟାଗ କର ଏବଂ ସେମାନେ ଲୋକଙ୍କ ଆଗରେ ହାତ ପାତନ୍ତି ତେବେ ଏହା ପରିବର୍ତ୍ତେ ଯଦି ତୁମେ ନିଜର ଉତ୍ତରାଧିକାରୀମାନଙ୍କୁ ସ୍ୱଚ୍ଛଳ ଅବସ୍ଥାରେ ଛାଡ଼ିଯାଅ ତେବେ ତାହା ତୁମ ପକ୍ଷେ ଶ୍ରେୟସ୍କର ହେବ । ସୁତରାଂ ଏହି ଉଦ୍ଦେଶ୍ୟ ଅର୍ଥାତ୍ ଇସ୍‌ଲାମ୍‌ରେ ଏହି ଆଦେଶ ରହିଛି ଯେ, ଯେଉଁ ଧନସମ୍ପତ୍ତି ଆବଶ୍ୟକତା ଠାରୁ ଅଧିକ ରହିଯାଏ ବା ଜମା ରୁହେ ତେବେ ସେ ପରିପ୍ରେକ୍ଷୀରେ ତୁମେ ତାହାକୁ ବାଣ୍ଟିଦେବା ଉଚିତ୍ । ଏହା ସଂପୂର୍ଣ୍ଣ ରୂପେ ଇସ୍‌ଲାମୀୟ ଆଇନ ବିରୁଦ୍ଧୀୟ ଏବଂ ସାହାବାମାନଙ୍କର ଖୋଲାଖୋଲି ବିରୁଦ୍ଧାଚରଣୀୟ ଅଟେ । କାରଣ ସାହାବାମାନଙ୍କର ଆଚରଣ ଏବଂ

ନମୁନା ଏଭଳି ଥିଲା ଯେ, କେତେକ ସାହାବାଙ୍କ ବିୟୋଗ ପରେ ଲକ୍ଷାଧିକ ଟଙ୍କା ପଇସା ସେମାନଙ୍କ ଉତ୍ତରାଧିକାରୀଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା ।

ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୁଁ ମକ୍କାରେ ଅସୁସ୍ଥ ହେଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ମୋର ଦେଖାଶୁଣା ପାଇଁ ଆସିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ମକ୍କାରେ ଜଣେ ବ୍ୟକ୍ତିକୁ ବିଶେଷ ରୂପେ ମୋର ଦେଖାଶୁଣା କରିବା ପାଇଁ ନିଯୁକ୍ତ କରିଥିଲେ । ଯେପରି ସେ ମୋର  ସଠିକ୍ ରୂପେ ଯତ୍ନ ନେଇ ପାରିବ ଏବଂ ଆଁହଜ଼ରତ୍ ସ.ଅ ତା'କୁ ତାଗିଦ୍ କଲେ ଯେ, ଯଦି ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ମକ୍କାରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କୁ ମକ୍କାରେ କବର ଦେବ ନାହିଁ ବରଂ ତାଙ୍କର ପାର୍ଥିବ ଶରୀରକୁ ମଦିନା ଘେନି ଆସିବ ଏବଂ ମଦିନାରେ ହିଁ ତାଙ୍କୁ କବର ଦେବ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ଯେତେବେଳେ ଖୁସ୍ରୋ ପର୍‌ୱେଜ୍‌ର ପୌତ୍ର ୟଜ଼ିଦ୍ ଗର୍ଦ୍‌ର ସିଂହାସନରେ ଆରୋହଣ କଲା ସେତେବେଳେ ସେ ଇରାକ୍‌ରେ ମୁସଲମାନମାନଙ୍କ ବିରୁଦ୍ଧରେ ବିଶାଳ ସ୍ତରରେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଥିଲା, ସେତେବେଳେ ହଜ଼ରତ୍ ଉମର୍ ର.ଅ ତାହାର ମୁକାବିଲା ପାଇଁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ କଲେ ଏବଂ କହିଲେ ଯେ, ଇରାନ୍‌ର ମହାରାଜା ସହିତ ଯୁଦ୍ଧ କରିବା ପୂର୍ବରୁ ତୁମମାନଙ୍କର ଏହା କର୍ତ୍ତବ୍ୟ ଯେ, ତୁମେମାନେ ଏକ ପ୍ରତିନିଧିମଣ୍ଡଳ ଇରାନ୍ ଆଡ଼କୁ ପ୍ରେରଣ କରିବ ଏବଂ ଇସ୍‌ଲାମ୍‌ର ବାର୍ତ୍ତା ପହଞ୍ଚାଇ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପାଇଁ ଆମନ୍ତ୍ରିତ କରିବ । ସୁତରାଂ ଉକ୍ତ ଆଦେଶ ପ୍ରାପ୍ତ ହେବା କ୍ଷଣେ ଏକ ପ୍ରତିନିଧିମଣ୍ଡଳ ୟଜ଼ିଦ୍ ଗର୍ଦ୍ ସହିତ ସାକ୍ଷାତ୍ କରିବା ପାଇଁ ପ୍ରେରଣ କରିଦିଆଯାଇଥିଲା । ଯେତେବେଳେ ଉକ୍ତ ପ୍ରତିନିଧିମଣ୍ଡଳ ଇରାନ୍ ମହାରାଜାର ରାଜଦରବାରରେ ପହଞ୍ଚିଲା ସେତେବେଳେ ପ୍ରତିନିଧିମଣ୍ଡଳର ମୁଖ୍ୟ ସଚିବ ହଜ଼ରତ୍ ନୁମାନ୍ ବିନ୍ ମୁକ୍‌ରନ୍ ଛିଡ଼ା ହେଲେ ଏବଂ ସେ ରସୁଲ୍ କରୀମ୍ ସ.ଅଙ୍କ ଆବିର୍ଭୂତ ହେବାର ଉଦ୍ଦେଶ୍ୟ ସଂପର୍କରେ ଚର୍ଚ୍ଚା କରି କହିଲେ ଯେ, ଆଁହଜ଼ରତ୍ ସ.ଅ ଆମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ଆମେମାନେ ଇସ୍‌ଲାମ୍‌ର ବାର୍ତ୍ତାକୁ ପ୍ରସାରିତ କରାଇବୁ ଏବଂ ସମଗ୍ର ପୃଥିବୀର ଲୋକମାନଙ୍କୁ ସତ୍‌ଧର୍ମରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ଦେବୁ । ଉକ୍ତ ଆଦେଶାନୁଯାୟୀ ଆମେମାନେ ଆପଣଙ୍କ ସେବାରେ ଉପସ୍ଥିତ ହୋଇଅଛୁ ଏବଂ ଆପଣମାନଙ୍କୁ ଇସ୍‌ଲାମ୍ ଧର୍ମରେ ସାମିଲ୍ ହେବା ପାଇଁ ଆମନ୍ତ୍ରିତ କରୁଛୁ । ୟଜ଼ିଦ୍ ଗର୍ଦ୍ ଏହାକୁ ଶୁଣିବା ମାତ୍ରେ ଅତ୍ୟନ୍ତ ଅସ୍ତବ୍ୟସ୍ତ ଏବଂ ବିକ୍ଷୁବ୍ଧ ହୋଇ ନିଜର ଏକ ଚାକରକୁ କହିଲା ଯେ, ଯାଅ ଏକ ମାଟି ବସ୍ତା ନେଇ ଆସ । ସୁତରାଂ ଯେତେବେଳେ ମାଟି ବସ୍ତା ଆସିଲା ସେତେବେଳେ ଇସ୍‌ଲାମୀୟ ପ୍ରତିନିଧିଦଳର ଅଧିପତିଙ୍କୁ ଆଗକୁ ଡ଼କାଇଲା ଏବଂ କହିଲା ଯେ, ତୁମେ ମୋର ଭେଟିକୁ ପ୍ରତ୍ୟାଖ୍ୟାନ କରି ଦେଇଛି ତେଣୁ ବର୍ତ୍ତମାନ ତୁମକୁ ଏହି ବସ୍ତାଏ ମାଟି ବ୍ୟତୀତ ଆଉ କିଛି ମିଳିବ ନାହିଁ । ସୁତରାଂ ସେହି ସାହାବି ଅତ୍ୟନ୍ତ ଗମ୍ଭୀରତାର ସହିତ ଆଗକୁ ଅଗ୍ରସର ହେଲେ ଏବଂ ନିଜର ମସ୍ତକକୁ

ନୁଆଁଇ ଦେଲେ ଏବଂ ମାଟି ବସ୍ତା ନିଜ ପିଠି ଉପରେ ବହନ କରିନେଲେ । ପୁନଶ୍ଚ ସେ ଏକ ଲମ୍ଫ ମାରିଲେ ଏବଂ ଉକ୍ତ ରାଜଦରବାରରୁ ଶୀଘ୍ର ବାହାରି ଆସିଲେ ଏବଂ ନିଜ ସାଥୀମାନଙ୍କୁ ଉଚ୍ଚ ସ୍ୱରରେ କହିଲେ ଯେ, ଇରାନ୍‌ର ମହାରାଜା ଆଜି ସ୍ୱହସ୍ତରେ ନିଜ ଦେଶକୁ ଆମକୁ ଟେକି ଦେଇଛନ୍ତି ଏବଂ ପୁନଶ୍ଚ ଅଶ୍ୱ ଉପରେ ଆରୋହଣ ହୋଇ ଶୀଘ୍ର ସେଠାରୁ ବାହାରି ଆସିଲେ । ଯେତେବେଳେ ମହାରାଜା ତାଙ୍କର ଏହି ସ୍ଲୋଗାନ ଶୁଣିଲା ସେତେବେଳେ ସେ ଭୟରେ ଥରହର ହେବାକୁ ଲାଗିଲା ଏବଂ ସେ ନିଜ ରାଜସଭାରେ ଉପସ୍ଥିତ ଲୋକମାନଙ୍କୁ କହିଲା ଯେ, ଆରେ ଦୌଡ଼ି ଯାଅ ! ଏବଂ ମାଟି ବସ୍ତା ସେମାନଙ୍କ ଠାରୁ ଫେରାଇ ଆଣ ! ମୋ ଦ୍ୱାରା ଏହା କି ପ୍ରକାର ଅଶୁଭ ଓ ଅମଙ୍ଗଳ ହୋଇଗଲା ମୁଁ ନିଜ ହାତରେ ନିଜ ସାମ୍ରାଜ୍ୟକୁ ସେମାନଙ୍କୁ ହସ୍ତାନ୍ତର କରିଦେଲି । କିନ୍ତୁ ସେ ଅର୍ଥାତ୍ ହଜ଼ରତ୍ ମୁକ୍‌ରନ୍ ର.ଅ ସେତେବେଳକୁ ଘୋଡ଼ାରେ ବସି ବହୁ ଦୂରକୁ ବାହାରି ଯାଇଥିଲେ । ପରିଶେଷରେ ସେ ଯାହା କହିଥିଲେ ତାହା ହିଁ ହୋଇଥିଲା ଏବଂ କିଛି ବର୍ଷ ମଧ୍ୟରେ ଇରାନ୍ ମୁସଲମାନମାନଙ୍କ ହାତ ମୁଠାକୁ ଚାଲି ଆସିଲା ଅର୍ଥାତ୍ ଇରାନ୍ ମୁସଲମାନମାନଙ୍କ ଶାସନାଧୀନ ହୋଇଥିଲା ।

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଏହି ଭବ୍ୟ ପରିବର୍ତ୍ତନ ମୁସଲମାନମାନଙ୍କ ମଧ୍ୟରେ କାହିଁକି ସୃଷ୍ଟି ହୋଇଥିଲା । **ତାହା ଏଥିଯୋଗୁଁ ସମ୍ଭବପର କରିପାରି ନଥିଲା ଯେ, କୁର୍‌ଆନୀୟ ଶିକ୍ଷା ସେମାନଙ୍କର ଆଚରଣ, ଅଭ୍ୟାସ ଏବଂ ଚାରିତ୍ରିକ ଅବସ୍ଥାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଥିଲା ଏବଂ ସେମାନଙ୍କର ହୀନ ଜୀବନ ଉପରେ ମୃତ୍ୟୁର କାୟା ବିସ୍ତାର କରିଦେଇଥିଲା ଏବଂ ସେମାନଙ୍କୁ ସର୍ବୋଚ୍ଚ ଚାରିତ୍ରିକ ଆଦର୍ଶ ଉପରେ ଆଣି ଛିଡ଼ା କରାଇଥିଲା ଏବଂ ଏହା ଦ୍ୱାରା ପୁନଶ୍ଚ ସେମାନେ ଇସ୍‌ଲାମ୍‌ର ବାର୍ତ୍ତାକୁ ପ୍ରସାରିତକାରୀ ଏବଂ ଇସ୍‌ଲାମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ ହୋଇ ଜଣେ ପ୍ରକୃତ ମସୁଲମାନ ହେବାର ପ୍ରମାଣ ଦେଇଥିଲେ ଏବଂ ସେମାନଙ୍କୁ କୌଣସି ଭୟ ଏବଂ ବିପଦ କିମ୍ବା କୌଣସି ଭୌତିକ ଶକ୍ତି ଭୟଭୀତ କରିପାରି ନଥିଲା ।** ସେ ଯାହା ହେଉ ନା କାହିଁକି ତାଙ୍କ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

ଖୁତ୍‌ବା ଜୁମାର ଶେଷ ପର୍ଯ୍ୟାୟରେ ହୁଜୁର୍ ଅନଓ୍ୱର୍ ଅ.ବ ସମ୍ମାନନୀୟ ସ୍ୱର୍ଗତା ବୁଶ୍‌ରା ଅକ୍ରମ୍ ସାହେବା, ପତ୍ନୀ-ମୁହମ୍ମଦ୍ ଅକ୍ରମ୍ ବାଜଓ୍ୱା ସାହେବ୍, ସମ୍ମାନନୀୟ ସ୍ୱର୍ଗତ ଇକ୍‌ବାଲ୍ ଅହମଦ୍ ନାସିର୍ ପୀରକୋଟୀ, ଗୁଲାମ୍ ଫାତିମା ଫେହ୍‌ମିଦା ସାହେବା, ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ଅହମଦ୍ ଅନ୍‌ଓ୍ୱର୍ ସାହେବ ହାଇଦ୍ରାବାଦୀ ଏବଂ ସମ୍ମାନନୀୟ ସ୍ୱର୍ଗତ ସଲିମ୍ ହସନ୍ ଜାବି ସାହେବ ଅଫ୍ ସିରିୟାଙ୍କ ସୁଗୁଣାବଳୀ ସଂପର୍କରେ ଆଲୋଚନା କଲେ ଏବଂ ନମାଜ୍ ଜୁମା ଅନ୍ତେ ଏମାନଙ୍କର ନମାଜ୍ ଯନାଜ଼ାଃ ଗାଏବ୍ ପଢିବାର ଏଲାନ୍ କଲେ ।

KHULASA KHUTBA JUMA HUZOOR ANWAR a.b.a

24th July 2020

..........................